ସବୁଜ ବନର ବନ୍ଧୁଗଣ

ବିମଳେନ୍ଦ୍ର ଚକ୍ରବର୍ତ୍ତୀ

ଅନୁବାଦ : ନୃସିଂହ ଚରଣ ସାହୁ ■ ଚିତ୍ରାଙ୍କନ : ସ୍ୱପନ ନନ୍ଦୀ

Digitized by srujanika@gmail.com

ଏହି ପୁସ୍ତକ ୨୦୦୮ ମସିହା ମାର୍ଚ୍ଚ ମାସରେ ଅଗରତାଲାଠାରେ ଆୟୋଜିତ ଏକ ଲେଖକ-ଚିତ୍ରକର କର୍ମଶାଳାରେ ପ୍ରସ୍ତୁତ ହୋଇଥିଲା ।

ISBN 978-81-237-6322-4

ପ୍ରଥମ ସଂସ୍କରଣ 2011 (ଶକାବ୍ଦ 1933)
ପୁନର୍ମୁଦ୍ରଣ 2016 (ଶକାବ୍ଦ 1937)
© ବିମଳେନ୍ଦୁ ଚକ୍ରବର୍ତ୍ତୀ, 2009
ଓଡ଼ିଆ ଅନୁବାଦ © ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
Original : Shabuj Boner Bandhura (*Bangla*)
Translation : Sabuja Banara Bandhugana *(Odia)*

₹ 30.00

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ନେହେରୁ ଭବନ, 5, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଫେଜ୍ - II
ବସନ୍ତକୁଞ୍ଜ, ନୂଆ ଦିଲ୍ଲୀ - 110070 କର୍ତ୍ତୃକ ପ୍ରକାଶିତ
Website : www.nbtindia.gov.in

Digitized by srujanika@gmail.com

ନେହେରୁ ବାଳ ପୁସ୍ତକାଳୟ

ସବୁଜ ବନର ବନ୍ଧୁଗଣ

ବିମଳେନ୍ଦ୍ର ଚକ୍ରବର୍ତ୍ତୀ

ଅନୁବାଦ
ନୃସିଂହ ଚରଣ ସାହୁ

ଚିତ୍ରାଙ୍କନ
ସ୍ୱପନ ନନ୍ଦୀ

nbt.india
एकः सूते सकलम्

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ଡୋଏଲ ନାମକ ଚଢ଼େଇଟିର କଇଁଛ ଏବଂ ହରିଣ ଦୁଇ ବନ୍ଧୁ ଥିଲେ । ଡୋଏଲ ବଙ୍ଗଳାର ଭାରତୀୟ ଲାଲବକ୍ଷ ବିଶିଷ୍ଟ ଏକ ଗାୟକ ପକ୍ଷୀ । ତିନିବନ୍ଧୁ ସହର ଠାରୁ ଦୂରରେ ଅବସ୍ଥିତ ଘନ ସବୁଜ ବନ ମଧ୍ୟରେ ବାସକରନ୍ତି ।

Digitized by srujanika@gmail.com

ସେହି ବିସ୍ତୀର୍ଣ୍ଣ ବନର ପାର୍ଶ୍ୱ ଦେଇ ଚମ୍ପାବତୀ ନାମକ ଏକ ନଦୀ ପ୍ରବାହିତ । କଇଁଛଟି ସେହି ନଦୀ ନିକଟରେ ବାସକରେ ।

Digitized by srujanika@gmail.com

ଶୋଷ ଲାଗିଲେ ହରିଣ ଏବଂ ଡୋଏଲ ନଦୀ ନିକଟକୁ ଯାଆନ୍ତି ଏବଂ ସେମାନଙ୍କର ବନ୍ଧୁ କଇଁଛକୁ ଭେଟନ୍ତି । ଜ୍ୟୋସ୍ନାଭିଜା ପୂର୍ଣ୍ଣମୀ ରାତିରେ ତିନି ବନ୍ଧୁ ଭେଟ ସମୟରେ ଦୁଃସାହସିକ କାହାଣୀମାନ ବର୍ଣ୍ଣନା କରି ବେଶ୍ ଆମୋଦିତ ହୁଅନ୍ତି ।

Digitized by srujanika@gmail.com

କହିବା ପାଇଁ ସେମାନଙ୍କ ନିକଟରେ ଅନେକ କାହାଣୀ ଥାଏ । କଇଁଛଟି
କାହାଣୀର ଏକ ଗନ୍ତାଘର । କାରଣ ସେ ଉଭୟ ସ୍ଥଳ ଓ ଜଳରେ ବାସକରେ ।
ହରିଣ ବନର ଗୋଟିଏ ସୀମାରୁ ଅନ୍ୟ ସୀମାକୁ ଆତଯାତ ହେଉଥିବାରୁ
ସେ ବନ ଏବଂ ଅନ୍ୟ ବଣୁଆ ଜନ୍ତୁମାନଙ୍କ ସମ୍ପର୍କରେ ଅନେକ କାହାଣୀ କୁହେ ।

Digitized by srujanika@gmail.com



ଡୋଏଲ ଆକାଶ ମାର୍ଗରୁ ଯାହା ଦେଖେ, ସେ ସମ୍ପର୍କରେ ବିବରଣୀ ପ୍ରଦାନ କରେ । ଯେତେବେଳେ କଇଁଛଟି ଜଳରେ ବାସ କରୁଥିବା ଅନ୍ୟ ପ୍ରାଣୀମାନଙ୍କ ସମ୍ପର୍କରେ କହେ, ସେ ବାରମ୍ବାର ତା' ନିଜ ପରିବାର, ବୃଦ୍ଧ ପିତାମାତା ଏବଂ ସନ୍ତାନସନ୍ତତିଙ୍କ ସମ୍ପର୍କରେ କହିବସେ । ଡୋଏଲ କଇଁଛର ପିଠିରେ ବସି ରହି ତାର କାହାଣୀ ଶୁଣୁଥାଏ ।

Digitized by srujanika@gmail.com

ଅନ୍ୟ ବନ୍ଧୁମାନଙ୍କ ସହ ତୁଳନା ସମୟରେ ହରିଣ ଚଢ଼େଇ ଡୋଏଲକୁ ତାର ସବୁଠାରୁ ଅନ୍ତରଙ୍ଗ ବୋଲି ଦାବି କରେ । ପରସ୍ପର ମଧ୍ୟରେ ବାର୍ତ୍ତାଳାପ ସମୟରେ ଡୋଏଲ ହରିଣର ଶାଖା-ପ୍ରଶାଖାଯୁକ୍ତ ଶିଙ୍ଗରେ ବସି ରହିବାକୁ ଭଲପାଏ । ଏକତ୍ର ଚଲାବୁଲା ସମୟରେ ହରିଣ ଧୈର୍ଯ୍ୟର ସହ ଡୋଏଲ ଠାରୁ ଆକାଶ ସମ୍ପର୍କିତ କାହାଣୀସବୁ ଶୁଣେ । ବେଳେବେଳେ ଡୋଏଲ ଆମ୍ବଗଛ ଉପରକୁ ଉଡ଼ିଯାଇ ତଳକୁ ଆମ୍ବ ପକାଏ । ହରିଣଟି ଅତି ସହଜରେ ଓ ଖୁସିରେ ପାଚିଲା ଆମ୍ବର ସ୍ୱାଦ ଉପଭୋଗ କରେ ।

Digitized by srujanika@gmail.com



ମାତ୍ର ବଣର ପରିସ୍ଥିତି ଓ ପରିବେଶ ବର୍ତ୍ତମାନ ପରିବର୍ତ୍ତିତ ହେବାକୁ ଆରମ୍ଭ କରିଛି । ଏହାର ଘଞ୍ଚତା କ୍ରମଶଃ ହ୍ରାସ ପାଇବାକୁ ଲାଗିଛି । କାଠକଟାଳି ଦଳ ଏଠାକୁ ଆସି ବହୁ ପରିମାଣର ଗଛ କାଟି ନେଉଛନ୍ତି । ଉପରୁ ତାହା ଦେଖି ଡୋଏଲ ଦୁଃଖ ଅନୁଭବ କରେ ।

Digitized by srujanika@gmail.com

ବନ ଉପର ଦେଇ ଉଡ଼ିଗଲାବେଳେ ଡୋଏଲ ଅନୁଭବ କରେ ଯେ ସେହି ସବୁଜ ବନର ସବୁଜିମା ଆଗଭଳି ଆଉ ନାହିଁ । ସେ ଏହା ମଧ୍ୟ ଲକ୍ଷ୍ୟକରେ ଯେ ସେହି ବନର ଗଛଗୁଡ଼ିକ ପରି ସେଠାରେ ବାସ କରୁଥିବା ବାଘମାନଙ୍କର ସଂଖ୍ୟା ମଧ୍ୟ ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି ।

Digitized by srujanika@gmail.com

ଦିନେ ଡୋଏଲ ତା'ର ଆଶଙ୍କା ହରିଣ ନିକଟରେ ପ୍ରକାଶ କଲା । ଏହା ଶୁଣି ହରିଣ ହସିଉଠି କହିଲା, "ବାଃ, ଏହାତ ଏକ ସୁସମ୍ବାଦ । ଆଉ ବାଘମାନଙ୍କ ପାଇଁ ଭୟଭୀତ ହେବାର ଆବଶ୍ୟକତା ନାହିଁ । ନୁହେଁ କି ?"

ଡୋଏଲ କହିଲା, "ନିର୍ବୋଧଙ୍କ ଭଳି ହୁଅନା । ତୁମେ ମଧ୍ୟ ଏହା ଲକ୍ଷ୍ୟ କରିଥିବ ।"

"ଓଃ ! ଶିକାରୀମାନଙ୍କ ପ୍ରତି ଭୟଭୀତ ହେତୁ ମୁଁ ଏପରି କହିଲି । କିନ୍ତୁ ହଁ, ତୁମେ ଠିକ୍ ହୋଇପାର । ବଣରେ ଯଦି ଗଛ ନରହିବ ତେବେ ଆମେମାନେ କେଉଁଠି ରହିବା ?" ହରିଣ ତାର ଶେଷ ମତ ଦେଲା ।

Digitized by srujanika@gmail.com

"ମୁଁ ମଧ ଦୁଃଖ ଅନୁଭବ କରୁଛି । ଯଦି କୌଣସି ଗଛ ନରହିବ ଚଢ଼େଇମାନେ ବସା ବାନ୍ଧିବେ କେଉଁଠି ? ତାପରେ ସେଠାରେ କୌଣସି ଫୁଲଫଳ ମଧ ରହିବ ନାହିଁ ... ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା", ଡୋଏଲ କହିଲା ।

ହରିଣ ଡୋଏଲକୁ କଇଁଛ ସମ୍ପର୍କରେ ପଚାରିବା ସଙ୍ଗେ ସଙ୍ଗେ କହିଲା - "ଆସ, ଆମେ ଏବେ ତା' ନିକଟକୁ ଯିବା ।"

Digitized by srujanika@gmail.com

ରାସ୍ତା ମଝିରେ ଡୋଏଲ ସୂଚନା ଦେଲା ଯେ ଏପରିକି କଇଁଛ ମଧ ନଦୀର ଜଳଧାରା ଦିନକୁ ଦିନ ଶୁଖିଯାଉଥିବାରୁ ଦୁଃଖରେ ଅଛି । ସେମାନେ କଇଁଛକୁ ଦେଖାକଲେ । କଇଁଛ ଏବଂ ହରିଣ ପରସ୍ପର ମଧ୍ୟରେ ବାର୍ତ୍ତାଳାପ କଲେ । ଡୋଏଲ ଉଡ଼ି ଚାଲିଗଲା । ସେ ଖୁବ୍ କମ୍ ସମୟ ମଧ୍ୟରେ କିଛି ଚାଞ୍ଚଲ୍ୟକର ସମ୍ବାଦ ସହ ଫେରିଆସିଲା । "ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ ! ତୁମେ ଜାଣ କ'ଣ ? ମୁଁ ଦେଖିଲି କିଛି ଲୋକ ବଣପାଖ ନଦୀକୂଳରେ ଛୋଟ ଛୋଟ ଗଛସବୁ ଲଗାଉଛନ୍ତି ।"

Digitized by srujanika@gmail.com

କଇଁଛ ଏବଂ ହରିଣ ସେମାନଙ୍କ କାନକୁ ବିଶ୍ୱାସ କରିପାରିଲେନି । ଡୋଏଲ କଥାଟାକୁ ନିଶ୍ଚିତ କରାଇବାରୁ ସେମାନେ ବହୁତ ଖୁସି ହେଲେ । ହଠାତ୍ ସେମାନେ ଘଡ଼ଘଡ଼ିର ଶବ୍ଦ ଶୁଣିପାରିଲେ ଏବଂ ବର୍ଷା ଆରମ୍ଭ ହୋଇଗଲା ।

Digitized by srujanika@gmail.com

ରାତିସାରା ମୂଷଳଧାରାରେ ବର୍ଷା ହେଲା ।

ପରଦିନ ଯେତେବେଳେ ସୁନେଲି ସୂର୍ଯ୍ୟ ଉଜ୍ଜ୍ୱଳ ଦିଶିଲା ତିନିଜଣଯାକ ବହୁତ ଆନନ୍ଦିତ ହେଲେ । ନଦୀ ଆଉ ବେଶୀଦିନ ଶୁଖିଲା ରହିବନି । ସେମାନେ ଏବେ ଆଶା ବାନ୍ଧିଲେ ଯେ ସେହି ସବୁଜ ବନ ପୁନର୍ବାର ଆହୁରି ସବୁଜିମାରେ ଭରିଯିବ ।

Digitized by srujanika@gmail.com

ଚଢ଼େଇମାନେ କଳରବ ସହ ଆନନ୍ଦରେ ଏଣେ ତେଣେ ଉଡ଼ି ବୁଲିଲେ । ସୁଶୀତଳ ଛାୟା ସହ ନୂଆ ନୂଆ ଫୁଲର ବାସ୍ନାରେ ବନଭୂମି ମହକି ଉଠିଲା ।

"ଖୁସିର ଦିନ ଫେରିଆସିଛି" - ଉତ୍‌ଫୁଲ୍ଲିତ ହୋଇ ଉଠିଲେ ଡୋଏଲ, ହରିଣ ଏବଂ କଇଁଛ ।

Digitized by srujanika@gmail.com

ଡୋଏଲ ହରିଣର ଶିଙ୍ଗରେ ବସି ଗୀତ ଗାଇଲା । କଇଁଛ ନଦୀ ମଧ୍ୟରେ ନୃତ୍ୟ କଲା । ବନଭୂମି ପୁଣିଥରେ ସବୁଜ ହୋଇଉଠିବ ଜାଣି ସମସ୍ତେ ଖୁସିହେଲେ ।

Digitized by srujanika@gmail.com

Printed at: Gita Offset Printers Pvt. Ltd., New Delhi

Digitized by srujanika@gmail.com



nbt.india
एकः सूते सकलम्
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

₹ 30.00
ISBN 812376322-0
9 788123 763224
15160620
Friends of the Green Forest (Odia)

Digitized by srujanika@gmail.com